# Telephone conversation between Prime Minister and H.E. Filipe Jacinto Nyusi, President of Mozambique

June 03, 2020

---

# ଭାରତର ପ୍ରଧାନମନ୍ତ୍ରୀ ଓ ମୋଜାମ୍ବିକ ରାଷ୍ଟ୍ରପତି ମାନ୍ୟବର ଫିଲିପ ଜାସିଣ୍ଟୋ ନ୍ୟୁସୀଙ୍କ ମଧ୍ୟରେ ଫୋନରେ ବାର୍ତ୍ତାଳପ

**ଜୁନ** 03, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ମୋଜାମ୍ବିକର ରାଷ୍ଟ୍ରପତି ମାନ୍ୟବର ଫିଲିପ ଜାସିଣ୍ଟୋ ନ୍ୟୁସୀଙ୍କ ସହିତ ଫୋନ ଜରିଆରେ ବାର୍ତ୍ତାଳପ କରିଛନ୍ତି।

କୋଭିଡ-19 ମହାମାରୀ ଦ୍ୱାରା ଉଭୟ ଦେଶରେ ସୃଷ୍ଟି ହୋଇଥିବା ସମସ୍ୟା ଉପରେ ଦୁଇ ନେତା ଆଲୋଚନା କରିଛନ୍ତି। ସ୍ୱାସ୍ଥ୍ୟ ସଙ୍କଟ ସମୟରେ ମୋଜାମ୍ବିକର ପ୍ରୟାସକୁ ଭାରତ ସମର୍ଥନ ଦେବାପାଇଁ ଇଚ୍ଛୁକ ବୋଲି ପ୍ରଧାନମନ୍ତ୍ରୀ ଆଗ୍ରହ ପ୍ରକାଶ କରିଛନ୍ତି। ସେ କହିଛନ୍ତିଯେ ଭାରତ ଅତ୍ୟାବଶ୍ୟକ ଔଷଧ ଓ ଡାକ୍ତରୀ ଉପକରଣ ଯୋଗାଇଦେଇପାରିବ। ସ୍ୱାସ୍ଥ୍ୟସେବା ଏବଂ ଔଷଧ ଯୋଗାଣ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଘନିଷ୍ଠ ସହଯୋଗ ପାଇଁ ରାଷ୍ଟ୍ରପତି ନ୍ୟୁସୀ କୃତଜ୍ଞତା ଜଣାଇଛନ୍ତି।

ଦୁଇ ନେତା ମୋଜାମ୍ବିକରେ ଭାରତୀୟ ପୁଞ୍ଜି ନିବେଶ ଓ ପ୍ରକଳ୍ପ ବିକାଶ ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିଥିଲେ। ମୋଜାମ୍ବିକର କୋଇଲା ଏବଂ ପ୍ରାକୃତିକ ଗ୍ୟାସ କ୍ଷେତ୍ର ପ୍ରତି ଭାରତୀୟ କମ୍ପାନୀଗୁଡିକ ଦେଇଥିବା ବୃହତ ପ୍ରତିବଦ୍ଧତାକୁ ଲକ୍ଷ୍ୟ କରି, ପ୍ରଧାନମନ୍ତ୍ରୀ ଆଫ୍ରିକା ସହିତ ଭାରତର ସାମଗ୍ରିକ ଭାଗିଦାରୀର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ମୋଜାମ୍ବିକକୁ ସ୍ୱୀକୃତି ଦେଇଛନ୍ତି।

ପ୍ରତିରକ୍ଷା ଏବଂ ସୁରକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ନେଇ ଦୁଇ ନେତା ସନ୍ତୁଷ୍ଟ ବ୍ୟକ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ଉତ୍ତର ମୋଜାମ୍ବିକରେ ଆତଙ୍କବାଦ ଘଟଣାକୁ ନେଇ ରାଷ୍ଟ୍ରପତି ନ୍ୟୁସିଙ୍କ ଚିନ୍ତା ବାଣ୍ଟିଥିଲେ ଏବଂ ମୋଜାମ୍ବିକାନ୍ ପୋଲିସ୍ ଓ ସୁରକ୍ଷା ବଳର ଦକ୍ଷତା ବୃଦ୍ଧି ନିମନ୍ତେ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ ପାଇଁ କହିଥିଲେ।

ମୋଜାମ୍ବିକରେ ଭାରତୀୟ ଏବଂ ଭାରତୀୟ ମୂଳ ସମ୍ପ୍ରଦାୟର ସୁରକ୍ଷା ତଥା ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ମୋଜାମ୍ବିକ କର୍ତ୍ତୃପକ୍ଷଙ୍କ ଉଦ୍ୟମ ପାଇଁ ପ୍ରଧାନମନ୍ତ୍ରୀ ତାଙ୍କର ବିଶେଷ ଧନ୍ୟବାଦ ଜଣାଇଥିଲେ।

ଏହି ମହାମାରୀ ସମୟରେ ସହଯୋଗ ଏବଂ ସାହାଯ୍ୟର ଅଧିକ ଉପାୟ ଅନୁସନ୍ଧାନ ପାଇଁ ଦୁଇ ଦେଶର ଅଧିକାରୀ ଯୋଗାଯୋଗରେ ରହିବେ ବୋଲି ଦୁଇ ନେତା ସହମତ ହୋଇଥିଲେ।

**ନୂଆଦିଲ୍ଲୀ**

**ଜୁନ 03, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.